# NATIONAL NEWS BULLETIN (ODIA)

## 28 July - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଜି ଓ ରାଜ୍ୟ ସଭାରେ ଆସନ୍ତାକାଲି ଠାରୁ ଆରମ୍ଭ ହେବ ଅପରେସନ ସିନ୍ଦୂର ଉପରେ ଆଲୋଚନା ।
- ଅପରେସନ ସିନ୍ଦୂର ଭଳି ସାମରିକ ଅଭିଯାନ ସାରା ଦେଶରେ ଆତ୍ମବିଶ୍ୱାସର ନୂତନ ଭାବନା ସୃଷ୍ଟି କରିଛି, କହିଲେ ପ୍ରଧାନମନ୍ତ୍ରୀ ।
- ଅସ୍ତ୍ରବିରତି ଲାଗି ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ମଧ୍ୟରେ ଆଜି ଅନୁଷ୍ଠିତ ହେବ ନେତୃସ୍ତରୀୟ ଆଲୋଚନା ।
- ଆମେରିକା ପକ୍ଷରୁ ଲାଗୁ କରାଯାଇଥିବା ଶୁଳ୍କ ବୃଦ୍ଧି ସମୟସୀମା ଅପରିବର୍ତ୍ତିତ ।

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଟେଷ୍ଟ ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ।

# ଲୋକସଭା-ଅପରେସନ ସିନ୍ଦୂର

ଲୋକସଭାରେ ଆଜି ଅପରେସନ ସିନ୍ଦୂର ଉପରେ ଆଲୋଚନା ଆରମ୍ଭ ହେବାର ସମ୍ଭାବନା ରହିଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସୂଚନା ଦେଇଥିଲେ, ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଅନ୍ତର୍ଗତ ଭାରତର କାର୍ଯ୍ୟାନୁଷ୍ଠାନ ଉପରେ ଏକ ସ୍ୱତନ୍ତ୍ର ଆଲୋଚନା ଚଳିତ ମୌସୁମୀ ଅଧିବେଶନରେ ଅନୁଷ୍ଠିତ ହେବ । ସେ କହିଛନ୍ତି, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଉଛି । ସେ କହିଛନ୍ତି, ଲୋକସଭାରେ ଅପରେସନ ସିନ୍ଦୂର ସମ୍ପର୍କରେ ବିତର୍କ ପାଇଁ ୧୬ ଘଣ୍ଟା ସମୟ ଦିଆଯାଇଥିବା ବେଳେ ରାଜ୍ୟସଭାରେ ଆସନ୍ତାକାଲି ୧୬ ଘଣ୍ଟା ପାଇଁ ଆଲୋଚନା ଆରମ୍ଭ ହେବ । ସେ କହିଛନ୍ତି, ବିରୋଧୀ ଦଳ ଗୁଡ଼ିକ ଅପରେସନ ସିନ୍ଦୂର ଉପରେ ଆଲୋଚନା ଦାବି କରୁଥିଲେ ଏବଂ ସରକାର ପ୍ରଥମ ଦିନରୁ ଏଥିଲାଗି ରାଜି ହୋଇଥିଲେ ।

**V/O-Kiren Rijiju**

# ପିଏମ୍-ଅପରେସନ ସିନ୍ଦୂର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅପରେସନ ସିନ୍ଦୂର ଜରିଆରେ ଭାରତର ଏହା ପ୍ରମାଣ କରିଛି ଯେ ଯଦି ଭାରତର ସାର୍ବଭୌମତ୍ୱ ଉପରେ ଆକ୍ରମଣ କରାଯାଏ ତେବେ କିପରି ଜବାବ ଦିଆଯିବ । ସେ କହିଛନ୍ତି, ଏହି

ସାମରିକ ଅଭିଯାନ ସାରା ଦେଶରେ ଆତ୍ମବିଶ୍ୱାସର ଏକ ନୂତନ ଭାବନା ସୃଷ୍ଟି କରିଛି । ତାମିଲନାଡୁର ଗଙ୍ଗେଇକୋଣ୍ଡା ଚୋଲାପୁରମ୍ ଠାରେ ଚୋଳ ରାଜା ପ୍ରଥମ ରାଜେନ୍ଦ୍ର ଚୋଡ଼ଙ୍କ ଜନ୍ମ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଥିବା ଆତଙ୍କବାଦୀ ଓ ସେମାନଙ୍କ ଆଶ୍ରୟସ୍ଥଳକୁ ସୁରକ୍ଷିତ ରହିବାକୁ ଦିଆଯିବ ନାହିଁ । ଶ୍ରୀ ମୋଦୀ କହିଛନ୍ତି, ଅପରେସନ ସିନ୍ଦୂର ବିଶ୍ୱକୁ ଏକ ସ୍ୱଷ୍ଟ ବାର୍ତ୍ତା ଦେଇଛି ଯେ ଭାରତ ତାର ସୁରକ୍ଷା ପାଇଁ ଯେକୌଣସି ବିପଦର କଡ଼ା ଜବାବ ଦେବ ।

**V/O-PM Modi Operation Sindur**

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ଇତିହାସ ଏବଂ ସଂସ୍କୃତିକୁ  ଅବଦାନ ଲାଗି ଚୋଳ ସାମ୍ରାଜ୍ୟର ରାଜାରାଜ ଚୋଳ ଏବଂ ପ୍ରଥମ ରାଜେନ୍ଦ୍ର ଚୋଳଙ୍କ ଭବ୍ୟ ପ୍ରତିମୂର୍ତ୍ତି ତାମିଲନାଡୁରେ ସ୍ଥାପନ କରାଯିବ । ଶ୍ରୀ ମୋଦୀ କହିଛନ୍ତି, ଚୋଳ ସାମ୍ରାଜ୍ୟ ଭାରତର ଏକ ସୁବର୍ଣ୍ଣ ଯୁଗର ପ୍ରତିନିଧିତ୍ୱ କରେ, ଯାହା ସ୍ଥାପତ୍ୟ, ଶାସନ, କୂଟନୀତି, ବାଣିଜ୍ୟ ଏବଂ ସାଂସ୍କୃତିକ ସମନ୍ୱୟର ସଫଳତା ଦର୍ଶାଇଥାଏ । ପ୍ରଧାନମନ୍ତ୍ରୀ କହିଛନ୍ତି, ଚୋଳମାନେ ଶ୍ରୀଲଙ୍କା, ମାଳଦୀପ ଏବଂ ଦକ୍ଷିଣ ପୂର୍ବ ଏସିଆ ସହିତ ଦୃଢ଼ ରାଜନୈତିକ ଏବଂ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ ।

# ଥାଇଲାଣ୍ଡ-କାମ୍ବୋଡ଼ିଆ ଟକ୍ସ

ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ମଧ୍ୟରେ ସୃଷ୍ଟି ହୋଇଥିବା ସଂଘର୍ଷ ମଧ୍ୟରେ ଅସ୍ତ୍ରବିରତି ଲାଗି ଆଲୋଚନା ହେବ । ଆଜି ମାଲେସିଆରେ ଉଭୟ ଦେଶର ନେତୃବୃନ୍ଦ ଆଲୋଚନା କରିବେ । ଥାଇଲାଣ୍ଡର କାର୍ଯ୍ୟକାରି ପ୍ରଧାନମନ୍ତ୍ରୀ ଫୁମଥାମ ୱେଚାୟାଚାଇଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ଏବଂ କାମ୍ବୋଡ଼ିଆ ପ୍ରଧାନମନ୍ତ୍ରୀ ହୁନ୍ ମାନେଟ୍‌ଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ମଧ୍ୟରେ ଆଲୋଚନା ହେବ । ଥାଲାଇଣ୍ଡ-କମ୍ବୋଡ଼ିଆ ସୀମା ସଂଘର୍ଷରେ ମୃତ୍ୟୁ ସଂଖ୍ୟା ୩୨କୁ ବୃଦ୍ଧି ପାଇଥିବା ବେଳେ ୧୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଗତକାଲି ସଂଘର୍ଷର ଚତୁର୍ଥ ଦିନରେ କାମ୍ବୋଡ଼ିଆ ବାସୀ ଥାଇଲାଣ୍ଡ ସୀମା ଛାଡ଼ି ପଳାୟନ କରୁଥିବା ଜଣାପଡ଼ିଛି । ଉଭୟ ଦେଶ ପକ୍ଷରୁ ସୀମାରେ ଗୁଳି ବିନିମୟ ପରେ ଉତ୍ତେଜନା ବୃଦ୍ଧି ପାଇଥିଲା ।

ଏହି ଘଟଣାରେ ଆମେରିକା ରାଷ୍ଟ୍ରପତି ଉଭୟ ଦେଶକୁ ଚେତାବନୀ ଦେଇଛନ୍ତି, ଯଦି ସଂଘର୍ଷ ଜାରି ରହେ ତେବେ ଆମେରିକା ସହିତ ଭବିଷ୍ୟତର ବାଣିଜ୍ୟ ଚୁକ୍ତିନାମା ସ୍ଥଗିତ ରଖାଯିବ । ଫଳରେ ଉଭୟ ଦେଶ ଯୁଦ୍ଧ ବିରତି ଲାଗି ରାଜି ହେବା ସହ ଆଲୋଚନା ପାଇଁ ସମ୍ମତି ପ୍ରକାଶ କରିଛନ୍ତି ।

# ୟୁଏସ୍ ଟାରିଫ୍ ଡେଡ୍ ଲାଇନ୍

ଆମେରିକା ପକ୍ଷରୁ ଲାଗୁ କରାଯାଇଥିବା ଶୁଳ୍କ ବୃଦ୍ଧି ସମୟସୀମା ଅଗଷ୍ଟ ୧ ତାରିଖ ରହିଛି । ଏହି ସମୟସୀମାରେ କୌଣସି ବୃଦ୍ଧି କରାଯିବାର

ଯୋଜନା ନାହିଁ ବୋଲି ଆମେରିକା ପ୍ରଶାସନ ନିଶ୍ଚିତ କରିଛି । ଗତକାଲି ରାତିରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ୍ ଲୁଟ୍‌ନିକ୍ ସମୟସୀମା ବୃଦ୍ଧି ନେଇ କୌଣସି ସମ୍ଭାବନାକୁ ଖାରଜ କରିଛନ୍ତି । ସେ କହିଛନ୍ତି, ଏ କ୍ଷେତ୍ରରେ ଅଗଷ୍ଟ ୧ ତାରିଖରୁ ଶୁଳ୍କ କାର୍ଯ୍ୟକାରୀ ହେବ । ଏପର୍ଯ୍ୟନ୍ତ ୟୁରୋପୀୟ ସଂଘ ବ୍ରିଟେନ୍, ଭିଏତନାମ, ଇଣ୍ଡୋନେସିଆ ଫିଲିପାଇନ୍ସ ଏବଂ ଜାପାନ୍ ପୂର୍ବରୁ ଆମେରିକା ପ୍ରଶାସନ ସହ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିସାରିଛନ୍ତି ।

## ଗାଜା ଷ୍ଟାର୍‌ଭେସନ୍

ଗାଜା ଷ୍ଟ୍ରିପ୍‌ରେ କୁ-ପୋଷଣ ବ୍ୟାପିବା ନେଇ ଜଣାପଡ଼ିବା ପରେ ଜୋର୍ଡ଼ାନ୍ ଏବଂ ୟୁ.ଏ.ଇ.' ଗାଜାରେ ଖାଦ୍ୟ ପଦାର୍ଥ ପହଞ୍ଚାଇବା ଆରମ୍ଭ କରିଛନ୍ତି । କେତେକ ସ୍ଥାନରେ ଇସ୍ରାଏଲ୍ ପକ୍ଷରୁ ଯୁଦ୍ଧ ବିରତି ଲାଗୁ ହେବା ପରେ ଏହି ପଦକ୍ଷେପ ନିଆଯାଇଛି । ଜୋର୍ଡ଼ାନ୍‌ର ଦୁଇଟି ବାୟୁସେନା ବିମାନ ଏବଂ ୟୁ.ଏ.ଇ.ର ଗୋଟିଏ ବିମାନରେ ଗାଜାରେ ୨୫ ଟନ୍ ଖାଦ୍ୟ ପଦାର୍ଥ ଆକାଶମାର୍ଗରୁ ପକା ଯାଇଛି । ଅନ୍ୟ ପକ୍ଷରେ ଜୋର୍ଡ଼ାନ୍ ମଧ ୬୦ ଟ୍ରକ୍ ଖାଦ୍ୟ ସାମଗ୍ରୀ ପଠାଇବା ପ୍ରକ୍ରିୟା ଆରମ୍ଭ କରିଛି । ଗାଜାର ପ୍ରାୟ ୨ ଲକ୍ଷ ଲୋକଙ୍କ ପାଇଁ ଗୋଟିଏଥର ଖାଦ୍ୟ ଯୋଗାଇବା ନିମନ୍ତେ ୧୬୦ଥର ବିମାନ ଉଡ଼ାଣ ଆବଶ୍ୟକ । ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଅପପୁଷ୍ଟି ଯୋଗୁଁ କେବଳ ୧୩୩ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି ।

# କୋଭିଡ୍ ଭ୍ୟାକ୍ସିନ୍

ଏକ ନୂତନ ଅଧ୍ୟୟନ ଅନୁଯାୟୀ ଟିକାକରଣ ଦ୍ୱାରା କୋଭିଡ୍ ସଂକ୍ରମଣରୁ ୨୫ ଲକ୍ଷରୁ ଅଧିକ ଲୋକଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଯାଇ ପାରିଛି । ଇଟାଲୀର କ୍ୟାଥୋଲିକ୍ ୟୁନିଭରସିଟି ଅଫ୍ ଦ ସାକ୍ରେଡ୍ ହାର୍ଟ୍‌ର ଅଧ୍ୟୟନ ଅନୁଯାୟୀ ପ୍ରତି ୫ ହଜାର ୪୦୦ ଟିକାକରଣ ଦ୍ୱାରା ଗୋଟିଏ କୋଭିଡ୍ ସମ୍ବନ୍ଧୀୟ ମୃତ୍ୟୁକୁ ଏଡ଼ାଇ ଦିଆଯାଇ ପାରିଛି । କୋଭିଡ୍ ସଂକ୍ରମିତ ହେବା ପୂର୍ବରୁ ୮୨ ପ୍ରତିଶତ ବ୍ୟକ୍ତିଙ୍କୁ ଟିକାକରଣ କରାଯାଇଥିବା କୁହାଯାଇଛି । ଅନ୍ୟ ପକ୍ଷରେ ଓମିକ୍ରନ୍ ସମୟରେ ୫୭ ପ୍ରତିଶତ ଲୋକଙ୍କ ଜୀବନରକ୍ଷା କରାଯାଇପାରିଥିବା ରିପୋର୍ଟରେ କୁହାଯାଇଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ହେପାଟାଇଟିସ୍ ରୋଗର ନିରାକରଣ ଓ ଚିକିତ୍ସା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଆଇ.ଏଲ୍.ବି.ଏସ୍. ହସ୍ପିଟାଲ୍‌ର ହେପାଟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର୍ ଡାକ୍ତର ବିଶାଲ ଅରୋରା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି

ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ସ୍ପୋଟସ୍ ରାଉଣ୍ଡଅପ୍

କ୍ରୀଡ଼ା କ୍ଷେତ୍ରରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଓ ସଦ୍ୟତମ ଅପ୍‌ଡେଟ୍ ସହିତ ଆପଣମାନଙ୍କ ପାଇଁ ରହିଛି ସ୍ପୋଟର୍ସ୍ ରାଉଣ୍ଡଅପ୍ । ଶୁଣନ୍ତୁ ଏକ ରିପୋର୍ଟ :